ପ୍ରେସ ନୋଟ

## ୭୩ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ।

ଅନୁଗୋଳ ତା **୧୫.୦୧** ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମୁଡ୍‌ରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ମୁଖ୍ୟ ଅତିଥି ସକାଳ ୯ ଘଟିକା ୧୫ ମିନିଟ୍ ସମୟରେ ଅନୁଗୋଳ ଷ୍ଟାଡିୟମ ଠାରେ ଜାତୀୟ ପତାକା ଉତ୍ତୋଳନ କରିବେ ଓ ଉଦ୍‌ବୋଧନ ଦେବେ । ବିଗତ ବର୍ଷ ଭଳି ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ମହାମାରୀ କୋଭିଡ ନିୟମ ଆଧାରରେ ଅନୁପାଳନ କରାଯିବ । କୋଭିଡର ଦ୍ରୁତ ସଂକ୍ରମଣଯୋଗୁଁ କୌଣସି ଛାତ୍ରଛାତ୍ରୀ, ସାଧାରଣ ଲୋକ ପରେଡ ପଡିଆକୁ ଯିବାକୁ ବାରଣ କରାଯାଇଛି । କେବଳ ବ୍ୟାଣ୍ଡ୍ ପାର୍ଟିସହ ଜିଲ୍ଲା ପୋଲିସ ଆନୁଷ୍ଠାନିକ ଜାତୀୟ ପତାକା ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ । ଏହି ଅବସରରେ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି । ପରେଡ ପଡିଆ ମଧ୍ୟକୁ ପ୍ରବେଶ ପୂର୍ବରୁ ସମସ୍ତେ ମାସ୍କ ପରିଧାନ କରିବା ସହ ହାତ ସାନିଟାଇଜ୍ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକ୍ରମ ପ୍ରାତଃ ୪ଘଟିକା ୩୦ମିନିଟ୍ ସମୟରେ ରାମଧୂନ,ମାଲ୍ୟାର୍ପଣ, ପୋଲିସ ବ୍ୟାଣ୍ଡ ପାର୍ଟି ଦ୍ୱାରା ଜାତୀୟ ସଂଗୀତ ପରିବେଷଣ, ପ୍ରାଥମିକ ଚିକିତ୍ସା,ପ୍ୟାରେଡ ପଡିଆ,ସହର ପରିଷ୍କାର ଓ ପରିଛନ୍ନ,ପାନୀୟ ଜଳ ଯୋଗାଣ ପୂର୍ବ ବର୍ଷ ଭଳି ଅନୁଷ୍ଠିତ ହେବ । ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଚଳିତ ମାସ ୨୩ ଓ ୨୪ ତାରିଖ ୨ ଦିନ ଧରି ପରେଡ ପଡିଆରେ ପରେଡ ଅଭ୍ୟାସ ଅନୁଷ୍ଠିତ ହେବ । ପୂର୍ବ ବର୍ଷ ଭଳି ପରେଡ ପଡିଆରେ ବାରିକେଡ଼ିଂ,୨ଟି ତୋରଣ,ଆବଶ୍ୟକ ଚୌକି ଓ ସମିୟାନା ବ୍ୟବସ୍ଥା କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରସନ୍ନ କୁମାର ବିଶ୍ୱାଳ, ଡେପୁଟୀ କେଲେକ୍ଟର ଶ୍ରୀ ବଇତୁରା ଦିପ୍, ମଧୁସ୍ମିତା ବିଶୋଇ, କଳାକାରର ସଭାପତି ଶ୍ରୀ ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।